# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 27 MAY– 2026

---

# ଅଡିଟ୍

ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହାସମୀକ୍ଷକ ବାର୍ଷିକ କାର୍ଯ୍ୟ ଯୋଜନା ୨୦୨୬-୨୭ ଅଧୀନରେ ଦେଶର ୧୦୧ଟି ସହରରେ ନାଗରିକ କୈନ୍ଦ୍ରିକ ଅନୁପାଳନ ଅଡିଟ୍ କରିବାକୁ ନିଷ୍ପତ୍ତି ହୋଇଛି । ଏଥିରେ ଓଡିଶାରୁ ଭୁବନେଶ୍ୱର ଓ କଟକ ସହରକୁ ସାମିଲ କରାଯାଇଛି । ଭୁବନେଶ୍ୱରସ୍ଥିତ ଖାରବେଳ ଭବନ ସମ୍ମିଳନୀ କକ୍ଷରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

---

# ବିକାଶ କାର୍ଯ୍ୟକ୍ରମ

ରାଜ୍ୟରେ ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯାଉଛି । କଲ୍ୟାଣକାରୀ ଯୋଜନାଗୁଡ଼ିକୁ ତୃଣମୂଳ ସ୍ତରର ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରିବା ନେଇ ୩୦ଟି ବିଭାଗର ସଚିବଙ୍କୁ ବିଭିନ୍ନ ଜିଲ୍ଲା ଦାୟିତ୍ୱ ପ୍ରଦାନ କରାଯାଇଛି । ରାଜ୍ୟ ଉନ୍ନୟନ କମିଶନର ଦେଓରଂଜନ କୁମାର ସିଂଙ୍କ ପକ୍ଷରୁ ଏ ସଂକ୍ରାନ୍ତ ତାଲିକା ପ୍ରସ୍ତୁତ କରାଯାଇଛି । ଚଳିତ ମାସରୁ ଜୁଲାଇ ମାସ ମଧ୍ୟରେ ବିଭିନ୍ନ ବିଭାଗର ସଚିବ ନିର୍ଦ୍ଦିଷ୍ଟ ଜିଲ୍ଲାକୁ ଗସ୍ତ କରି ସ୍ଥିତିର ସମୀକ୍ଷା କରିବେ ।

---

# ବେତନ କମିଶନଙ୍କ ଗସ୍ତ

ଆସନ୍ତା ଜୁଲାଇ ୬ ଓ ୭ ତାରିଖରେ ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନର ଭୁବନେଶ୍ୱର ଆସିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । କମିଶନଙ୍କ ସହ ଆଲୋଚନା କରିବାକୁ ଇଚ୍ଛା ପ୍ରକାଶ କରୁଥିବା କେନ୍ଦ୍ର ସରକାରୀ ସଂସ୍ଥା, କାର୍ଯ୍ୟାଳୟ, ସଂଗଠନ ଏବଂ କର୍ମଚାରୀ ସଂଘର କର୍ମକର୍ତ୍ତା ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ କରିବାକୁ କୁହାଯାଇଛି ।

---

# ସ୍ନାତକ ପାଠ୍ୟକ୍ରମ

୨୦୨୬-୨୭ ଶିକ୍ଷାବର୍ଷ ପାଇଁ ସ୍ନାତକ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆଜି ଅପରାହ୍ନ ୪ଟାରୁ ଏକକ ଆବେଦନ ଫର୍ମ ସାମ୍ସ ପୋର୍ଟାଲରେ ଉପଲବ୍ଧ ହେବ। ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ଆବେଦନର ସମୟସୀମା ଧାର୍ଯ୍ୟ ହୋଇଛି । ଆସନ୍ତାମାସ ୧୭ ତାରିଖରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ । ଚଳିତଥର ନାମଲେଖା ପ୍ରକ୍ରିୟା ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ କରାଯିବ । ଜୁଲାଇ ମାସ ୯ ତାରିଖ ସୁଦ୍ଧା ସ୍ନାତକ ପାଠପଢ଼ା ଆରମ୍ଭ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଉଚ୍ଚଶିକ୍ଷା ବିଭାଗ କହିଛି ।

---

# ଅଗ୍ନିପଥ- ପରୀକ୍ଷା

ଭାରତୀୟ ସେନାରେ ଅଗ୍ନିପଥ ଓ ନିୟମିତ କ୍ୟାଡର ପାଇଁ ଅନ୍‌ଲାଇନ୍ ପ୍ରବେଶିକା ପରୀକ୍ଷା ଆସନ୍ତାମାସ ପହିଲାରୁ ଆରମ୍ଭ ହେବ । ଜୁନ୍ ୧୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ କୋଲକାତାର ନିଯୁକ୍ତି ଜୋନ୍ ଅଧୀନରେ ଓଡ଼ିଶା, ସିକିମ୍, ଓ ପଶ୍ଚିମବଙ୍ଗରେ ଏହି ପରୀକ୍ଷା ଅନୁଷ୍ଠିତ

ହେବ । ରାଜ୍ୟର ୧୭ଟି ସହରର ୨୬ଟି କେନ୍ଦ୍ରରେ ପରୀକ୍ଷା ହେବା ନେଇ କଟକ ସେନା ନିଯୁକ୍ତି କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ବନ୍ୟା-ସମୀକ୍ଷା

ଆଗାମୀ ମୌସୁମୀ ଋତୁରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ବ୍ୟବସ୍ଥିତ ଢ଼ଙ୍ଗରେ ପରିଚାଳନା ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଗତକାଲି ଏକ ଉଚ୍ଚସ୍ତରୀୟ ପ୍ରାକ୍ ବନ୍ୟା ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ପ୍ରମୁଖ ସଚିବ ଶୋଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବନ୍ୟା ଜନିତ କ୍ଷୟକ୍ଷତିକୁ ପ୍ରତିହତ କରିବା ଏବଂ ଶୂନ୍ୟ ମୃତାହତ ଲକ୍ଷ୍ୟ ହାସଲ ପାଇଁ ବିଭାଗୀୟ କ୍ଷେତ୍ରୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି । ଆସନ୍ତାମାସ ପହିଲାରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଡିଭିଜନ, ସର୍କଲ ଏବଂ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ବନ୍ୟା ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରିବାକୁ ନିଷ୍ପତ୍ତି ହୋଇଛି ।

## ସଚେତନତା

ଭଦ୍ରକ ଜିଲ୍ଲାରେ ଆର୍ଥିକ ସାକ୍ଷରତା, ସମାବେଶୀ ଓ ସାଇବର ସଚେତନତା ଶିବିର ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଚରମ୍ପା ଏରେଇଁ ଗ୍ରାମପଞ୍ଚାୟତଠାରେ ଅନୁଷ୍ଠିତ ଏହି ଶିବିରରେ ପ୍ରଶିକ୍ଷାର୍ଥୀଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସଂପର୍କରେ ସଚେତନ କରାଯାଇଥିଲା ।

# ସାମଗ୍ରିକ ବିକାଶ

ନୂଆପଡ଼ା ଜିଲ୍ଲାରେ ସାମଗ୍ରିକ ବିକାଶକୁ ଅଧିକ ଗତିଶୀଳ କରିବା ପାଇଁ ଆନ୍ତଃବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ପେନସନ ବଣ୍ଟନରେ ସ୍ୱଚ୍ଛତା ଏବଂ ଅନିୟମିତତା ରୋକିବା ଲକ୍ଷ୍ୟ ନେଇ ୭୦ ବର୍ଷ ଏବଂ ତା'ଠାରୁ ଅଧିକ ପେନସନଭୋଗୀଙ୍କ ଉପରେ ସର୍ଭେ କରିବାକୁ ନିଷ୍ପତ୍ତି ନିଆଯାଇଛି । ୧୫ ଦିନ ମଧ୍ୟରେ ସର୍ଭେ କାର୍ଯ୍ୟ ଶେଷ କରିବାକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ପ୍ରଶିକ୍ଷଣ ଶିବିର

ନୂଆପଡ଼ା ଜିଲ୍ଲା ଖରିଆର ରୋଡ୍ ନିକଟସ୍ଥ ଟେମରୀଠାରେ ଆୟୋଜିତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ କର୍ମକର୍ତ୍ତା ପ୍ରଶିକ୍ଷଣ ଶିବିର ଗତକାଲି ଉଦ୍‌ଯାପିତ ହୋଇଯାଇଛି । ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ପ୍ରଶିକ୍ଷାର୍ଥୀଙ୍କୁ ଆହ୍ୱାନ ଦେଇଛନ୍ତି ।

# ସ୍ୱଚ୍ଛ ଗଞ୍ଜାମ ଅଭିଯାନ

ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' ଅଭିଯାନ କାର୍ଯ୍ୟକାରୀ ହୋଇଛି । ଶୂନ୍ୟ ପ୍ଲାଷ୍ଟିକ୍ ବ୍ୟବହାର ଲକ୍ଷ୍ୟ ହାସଲକୁ ଦୃଷ୍ଟିରେ ରଖି ଏହି ଅଭିଯାନ ଜିଲ୍ଲା ବ୍ୟାପି ଆରମ୍ଭ କରାଯାଇଛି । ଏହାକୁ ଗଣଅଭିଯାନରେ ପରିଣତ କରିବାକୁ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ

ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି । ବ୍ରହ୍ମପୁରର ହରିଡ଼ାଖଣ୍ଡି ପୋଖରୀକୂଳ ଗତକାଲି ପୂର୍ବାହ୍ନରେ ସ୍ଥାନୀୟ ଜନସାଧାରଣ ସଫା କରିବା ସହିତ ବ୍ରହ୍ମପୁର ସହରକୁ ସର୍ବଦା ସଫାସୁତୁରା ରଖିବାକୁ ସାମୂହିକ ଶପଥପାଠ କରିଥିଲେ ।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ଲହରି ଜାରି ରହିଛି । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପାଗ ପରିବର୍ତ୍ତନର ସମ୍ଭବନା ନ ଥିବା ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ରାଜ୍ୟରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗରମ ଓ ଗୁଳୁଗୁଳି ବୃଦ୍ଧି ପାଇବା ନେଇ ସତର୍କ ସୂଚନା ଜାରି କରାଯାଇଛି । ଅନ୍ୟପକ୍ଷରେ କେତେକ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ହେବା  ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି ।